Libre Office Impress **ପାଇଁ ନିର୍ଦ୍ଦେଶ ଫର୍ଦ୍ଦ**

**ସ୍ପୋକନ୍ ଟ୍ୟୁଟୋରିଆଲ୍ ଟିମ୍**

**ଆଇଆଇଟି ବମ୍ବେ**

## 1. ଅନଲାଇନ୍ / ଅଫଲାଇନ୍ ବିଷୟବସ୍ତୁ

1. http://spoken-tutorial.org/tutorial-search/ ରୁ ସ୍ପୋକନ୍ ଟ୍ୟୁଟୋରିଆଲ୍ ର ଅନଲାଇନ୍ ବିଷୟବସ୍ତୁକୁ ଆକ୍ସେସ୍ କରିହେବ.

2. ଅଫଲାଇନ୍ ଶିକ୍ଷା ପାଇଁ ସ୍ପୋକନ୍ ଟ୍ୟୁଟୋରିଆଲ୍ କୁ ଆପଣ http://spoken-tutorial.org/cdcontent/ରୁ ମଧ୍ୟ ଡାଉନଲୋଡ୍ କରିପାରିବେ

3. ଏହି ଲିଙ୍କ୍ ରୁ ଆପଣ ଶିଖିବାକୁ ଚାହୁଁଥିବା ଭାଷାରେ FOSS କ୍ୟାଟେଗୋରୀ ଡାଉନଲୋଡ୍ କରିପାରିବେ

4. ସ୍ପୋକନ୍ ଟ୍ୟୁଟୋରିଆଲ୍ ବିଷୟବସ୍ତୁ ଆପଣଙ୍କ ମେସିନ୍ ରେ ZIP ଫାଇଲ୍ ଭାବରେ ଡାଉନଲୋଡ୍ ହେବ

5. ZIP ଫାଇଲ୍ ର ବିଷୟବସ୍ତୁକୁ ଏକ୍ସଟ୍ରାକ୍ଟ କରି ଆକ୍ସେସ୍ କରନ୍ତୁ

## 2. ଅଭ୍ୟାସ ପ୍ରକ୍ରିୟା

1. ଆପଣଙ୍କୁ ସ୍ପୋକନ୍ ଟ୍ୟୁଟୋରିଆଲ୍ସ ଓ ଫାଇଲଗୁଡ଼ିକର ଏକ ସେଟ୍ ଦିଆଯିବ.

2. ଆପଣ ଗୋଟିଏ ସମୟରେ ଗୋଟିଏ ଟ୍ୟୁଟୋରିଆଲ୍ କରିବେ.

3. ଆପଣ ସ୍ପୋକନ୍ ଟ୍ୟୁଟୋରିଆଲ୍ ଶୁଣିପାରନ୍ତି ଏବଂ ଭିଡିଓରେ ଦେଖାଯାଇଥିବା ସମସ୍ତ ପଦାଙ୍କୁ ପୁଣିଥରେ କରିପାରନ୍ତି.

4. ଯଦି ଆପଣଙ୍କୁ ଉପରୋକ୍ତ କଠିନ ଲାଗେ, ତେବେ ଆପଣ ସମ୍ପୂର୍ଣ୍ଣ ଟ୍ୟୁଟୋରିଆଲ୍ ଥରେ ଶୁଣି, ଦ୍ଵିତୀୟଥର ଶୁଣିବା ସମୟରେ ଅଭ୍ୟାସ କରିପାରନ୍ତି.

## 3. Libre Office Impress

1. Select FOSS କିମ୍ବା All FOSS Categories ଡ୍ରପ୍-ଡାଉନ୍ ଉପରେ କ୍ଲିକ୍ କରନ୍ତୁ ଏବଂ Libre Office Impress ଚୟନ କରନ୍ତୁ.

2. Select Language କିମ୍ବା All Languages ଡ୍ରପ୍-ଡାଉନ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଆପଣ କେଉଁ ଭାଷାରେ ଶିଖିବାକୁ ଚାହୁଁଛନ୍ତି (ଇଂରାଜୀ, ହିନ୍ଦୀ, ଓଡ଼ିଆ...) ତାହାର ଚୟନ କରନ୍ତୁ.

3. Submit ବଟନ୍ ଉପରେ କ୍ଲିକ୍ କରନ୍ତୁ

4. ଆପଣଙ୍କ ଚୟନକୁ ଆଧାର କରି ଟ୍ୟୁଟୋରିଆଲର ଏକ ତାଲିକା ଆପଣ ଦେଖିବେ.

5. ପ୍ରଦର୍ଶିତ ତାଲିକାରେ ପ୍ରଥମ ଟ୍ୟୁଟୋରିଆଲରୁ ଆରମ୍ଭ କରନ୍ତୁ.

## 4. ପ୍ରଥମ ଟ୍ୟୁଟୋରିଆଲ୍: ପରିଚୟ

1. Introduction ବିଷୟ ଖୋଜି ତାହା ଉପରେ କ୍ଲିକ୍ କରନ୍ତୁ.

2. ଏହି ଟ୍ୟୁଟୋରିଆଲ୍ ଦେଖିବାକୁ Play ଆଇକନ୍ ଉପରେ କ୍ଲିକ୍ କରନ୍ତୁ, ଯାହା ପ୍ଲେୟାର୍ ରେ ଅଛି.

3. ପ୍ଲେୟାର୍ ତଳକୁ ପ୍ରାକ୍-ଆବଶ୍ୟକତା ଦୃଶ୍ୟମାନ ହେବ (କେବଳ ଅନଲାଇନ୍ କଣ୍ଟେଣ୍ଟ ପାଇଁ)

4. ପ୍ଲେୟାର୍ ତଳକୁ ଆଉଟଲାଇନ୍, ଆସାଇନମେଣ୍ଟ, କୋଡ୍ ଫାଇଲ୍ସ ଓ ସ୍ଲାଇଡ୍ସ ଉପଲବ୍ଧ ଅଛି.

5. ଏପରି ଭାବରେ ବ୍ରାଉଜର୍ ର ଆକାରକୁ ଆଡଜଷ୍ଟ କରନ୍ତୁ, ଯେଉଁଥିରୁ ଆପଣ ସମାନ୍ତରାଳରେ ଅଭ୍ୟାସ କରିବାକୁ ସକ୍ଷମ ହୋଇପାରିବେ.

### 4.1 ଲିନକ୍ସ OSରେ ଅଭ୍ୟାସ ପାଇଁ ନିର୍ଦ୍ଦେଶ

(କ) ଲିନକ୍ସ OSରେ ଟ୍ୟୁଟୋରିଆଲଗୁଡ଼ିକ ବର୍ଣ୍ଣନା ହୋଇଛି.

(ଖ) ଟ୍ୟୁଟୋରିଆଲରେ ନିର୍ଦ୍ଦେଶିତ ପରି ଲିନକ୍ସ ୟୁଜରମାନଙ୍କ ପାଇଁ ଏହା ପାଳନ କରିବା ସହଜ ହେବ.

### 4.2 ୱିଣ୍ଡୋସ୍ OSରେ ଅଭ୍ୟାସ ପାଇଁ ନିର୍ଦ୍ଦେଶ

(କ) 1:44 ମିନିଟ୍ ରୁ 1:58 ମିନିଟ୍ ପର୍ଯ୍ୟନ୍ତ ଟ୍ୟୁଟୋରିଆଲ୍, ଉବୁଣ୍ଟୁ ଲିନକ୍ସ OSରେ କିପରି Libre Office Suite ଇନଷ୍ଟଲ୍ କରିବେ, ଦେଖାଇଥାଏ.

(ଖ) ୱିଣ୍ଡୋସ୍ ରେ Libre Office Impress ଖୋଲିବା ପାଇଁ Start -> All Programs -> Libre Office Suite ଉପରେ କ୍ଲିକ୍ କରନ୍ତୁ.

## 4.3 ଅଭ୍ୟାସ ପାଇଁ ନିର୍ଦ୍ଦେଶ

(କ) ଆପଣଙ୍କ ନାମ ସହିତ Name-RollNo-Component (ଯେପରି vin-04-Impress) Desktopରେ ଏକ ଫୋଲ୍ଡର୍ କ୍ରିଏଟ୍ କରନ୍ତୁ.
(ଖ) ଆପଣ ସେଭ୍ କରିଥିବା ଫାଇଲ୍ କୁ ଏକ ବିଶେଷ ନାମ ଦିଅନ୍ତୁ, ଯେଉଁଥିରୁ ପରବର୍ତ୍ତୀ ସମୟରେ ତାହାକୁ ଚିହ୍ନିପାରିବେ (ଯେପରି, practice-1-vin).

(ଗ) ଆପଣଙ୍କ ସମସ୍ତ କାମକୁ ନିଜ ଫୋଲ୍ଡରରେ ସେଭ୍ କରିବାକୁ ଭୁଲନ୍ତୁ ନାହିଁ.

(ଘ) ଏହା ସୁନିଶ୍ଚିତ କରିବ ଯେ, ଆପଣ ଫାଇଲ୍ ଅନ୍ୟ କାହା ଦ୍ୱାରା ଓଭର୍ ରାଇଟ୍ କରାଯାଇନାହିଁ.

(ଙ) କାମ ଶେଷରେ ସେଭ୍ କରିବା ବଦଳରେ ନିଜ କାମକୁ ସମୟ ସମୟରେ ସେଭ୍ କରୁଥା'ନ୍ତୁ.

## 4.4 ଆସାଇନମେଣ୍ଟ ପାଇଁ ସାଧାରଣ ନିର୍ଦ୍ଦେଶନାମା
(କ) ଟ୍ୟୁଟୋରିଆଲରେ ନିର୍ଦ୍ଦେଶିତ ଅନୁସାରେ ଆସାଇନମେଣ୍ଟ କରିବାକୁ ଚେଷ୍ଟା କରନ୍ତୁ.
(ଖ) ଆପଣଙ୍କ ଫୋଲ୍ଡର୍ ରେ ନିଜ କାମ ସେଭ୍ କରନ୍ତୁ

## 4.5 କୋଡ୍ ଫାଇଲଗୁଡ଼ିକ ବ୍ୟବହାର କରିବାକୁ ସାଧାରଣ ନିର୍ଦ୍ଦେଶନାମା
(କ) ପ୍ଲେୟାର୍ ତଳେ ଥିବା Code Files ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଆପଣଙ୍କ ଫୋଲ୍ଡର୍ ରେ ସେଭ୍ କରନ୍ତୁ.
(ଖ) ଡାଉନ୍ ଲୋଡ୍ ହୋଇଥିବା ZIP ଫାଇଲ୍ କୁ ଏକ୍ସଟ୍ରାକ୍ଟ କରନ୍ତୁ.
(ଗ) ନିର୍ଦ୍ଦିଷ୍ଟ ଟ୍ୟୁଟୋରିଆଲରେ ବ୍ୟବହୃତ ସମସ୍ତ କୋଡ୍/ସୋର୍ସ ଫାଇଲଗୁଡ଼ିକୁ ଆପଣ ଦେଖିବାକୁ ପାଇବେ.
(ଘ) ସେହି ନିର୍ଦ୍ଦିଷ୍ଟ ଟ୍ୟୁଟୋରିଆଲରେ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁସାରେ ଏହି ଫାଇଲଗୁଡ଼ିକୁ ବ୍ୟବହାର କରନ୍ତୁ.

6. ସମଗ୍ର ଟ୍ୟୁଟୋରିଆଲକୁ Play-pause-practise କରନ୍ତୁ.
7. ଥରେ ଟ୍ୟୁଟୋରିଆଲ ସମ୍ପୂର୍ଣ୍ଣ ହୋଇଯିବା ପରେ, ପ୍ଲେ ଲିଷ୍ଟରୁ ପରବର୍ତ୍ତୀ ଟ୍ୟୁଟୋରିଆଲ, ଯାହା ଡାହାଣ ପଟେ କିମ୍ବା ପ୍ଲେୟାର୍ ତଳେ ଅଛି, ତାହାର ଚୟନ କରନ୍ତୁ.
8. ଉପରୋକ୍ତ ସମସ୍ତ ନିର୍ଦ୍ଦେଶାବଳୀର, ଶୃଙ୍ଖଳାରେ ସମସ୍ତ ଟ୍ୟୁଟୋରିଆଲ୍ ସମ୍ପୂର୍ଣ୍ଣ ନକରିବା ପର୍ଯ୍ୟନ୍ତ, ପାଳନ କରନ୍ତୁ.